# NATIONAL NEWS BULLETIN (ODIA)
## 3 November - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଯକ୍ଷ୍ମା ରୋଗ ହ୍ରାସ ଭାରତର ଉତ୍ସର୍ଗୀକୃତ ଏବଂ ଅଭିନବ ପ୍ରୟାସର ଫଳ; କହିଲେ ପ୍ରଧାନମନ୍ତ୍ରୀ
- ଉଚ୍ଚ ଅଭିବୃଦ୍ଧି ପଥରେ ଗତି କରୁଛି ଭାରତ ଓ ବିଶ୍ୱ ସହିତ  ଆଗକୁ ବଢ଼ିବାକୁ ଚାହୁଁଛି; ବ୍ରିସବେନ୍‌ରେ କହିଲେ ବୈଦେଶିକ ମନ୍ତ୍ରୀ ।
- ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ସାବରୀ ରେଳଲାଇନ ନିର୍ମାଣ କରିବାକୁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ।
- ଜୈବ ବିବିଧତା ସଂରକ୍ଷଣ ସମ୍ପର୍କିତ ଜାତିସଂଘ ଷୋଡ଼ଶ ସମ୍ମିଳନୀ କଲମ୍ବିଆର ‘କାଲି’ଠାରେ ଉଦ୍‌ଯାପିତ ।

ଏବଂ

- ଭାରତ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାକୁ ୩-୦ରେ ଜିତିଲା ନ୍ୟୁଜିଲାଣ୍ଡ ।

# ପିଏମ୍- ଟିବି ଡିକ୍ଲାଇନ୍

ଯକ୍ଷ୍ମା ରୋଗ ହ୍ରାସ ଭାରତର ଉତ୍ସର୍ଗୀକୃତ ଏବଂ ଅଭିନବ ପ୍ରୟାସର ଫଳ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଦେଶର ପ୍ରଗତିକୁ ପ୍ରଶଂସା କରି ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ସାମୂହିକ ଭାବନା ମାଧ୍ୟମରେ ସରକାର ଯକ୍ଷ୍ମା ମୁକ୍ତ ଭାରତ ଦିଗରେ କାର୍ଯ୍ୟ ଜାରି ରଖିବେ। ଯକ୍ଷ୍ମା ମୁକ୍ତ ଭାରତ ଗଠନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ୨୦୧୫ରୁ ୨୦୨୩ ମଧ୍ୟରେ ଭାରତରେ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ୧୭ ଦଶମିକ ୭ ପ୍ରତିଶତ ହ୍ରାସ ପାଇଛି। ଏହି ହାର ବିଶ୍ୱର ୮ ଦଶମିକ ୩ ପ୍ରତିଶତ ହ୍ରାସର ଦୁଇ ଗୁଣରୁ ଅଧିକ। ଗତକାଲି ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି ନଡ୍ଡା କହିଛନ୍ତି, ଯକ୍ଷ୍ମା ଚିକିତ୍ସା ଏବଂ ନିୟନ୍ତ୍ରଣ ଦିଗରେ ଭାରତର ପରିବର୍ତ୍ତନଶୀଳ ଆଭିମୁଖ୍ୟକୁ ଏହା ପ୍ରତିଫଳିତ କରୁଛି। ଯକ୍ଷ୍ମା ରୋଗୀଙ୍କୁ ଅତ୍ୟାବଶ୍ୟକ ପୁଷ୍ଟିସାଧନ ସହାୟତା ଯୋଗାଇଦେବା ପାଇଁ ସରକାର ନିକ୍ଷୟ ପୋଷଣ ଯୋଜନା ଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରି ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମକୁ ସମ୍ପ୍ରସାରଣ ଓ ସୁଦୃଢ଼ କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି।

# ଜୟଶଙ୍କର- ଅଷ୍ଟ୍ରେଲିଆ ସିଙ୍ଗାପୁର

ଅଷ୍ଟ୍ରେଲିଆ ଓ ସିଙ୍ଗାପୁରକୁ ଛଅ ଦିନିଆ ଗସ୍ତରେ ଯାଇ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଆଜି ବ୍ରିସବେନରେ ପହଞ୍ଚିଛନ୍ତି। ଦୁଇ ଦେଶ ଗସ୍ତର ପ୍ରଥମ ପର୍ଯ୍ୟାୟରେ ବ୍ରିସବେନ୍‌ଠାରେ ଭାରତୀୟ ସମୁଦାୟଙ୍କୁ ସମ୍ବୋଧିତ କରି ଜୟଶଙ୍କର କହିଛନ୍ତି, ଭାରତ ଉଚ୍ଚ ଅଭିବୃଦ୍ଧି ପଥରେ ଗତି କରୁଛି ଏବଂ ବିଶ୍ୱ ସହିତ ଆଗକୁ ବଢ଼ିବାକୁ ଚାହୁଁଛି। ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ବ୍ରିସବେନରେ ଭାରତର ଚତୁର୍ଥ ଦୂତାବାସକୁ ଉଦଘାଟନ କରିବେ। କାନବେରାରେ ସେ ତାଙ୍କ ଅଷ୍ଟ୍ରେଲୀୟ ପ୍ରତିପକ୍ଷ ପେନି ଓଙ୍ଗଙ୍କ ସହ ପଞ୍ଚଦଶ ବୈଦେଶିକ ମନ୍ତ୍ରୀଙ୍କ ଫ୍ରେମଓ୍ୱାର୍କ ଡାଇଲଗ୍‌ର ସହ-ଅଧ୍ୟକ୍ଷତା କରିବେ। ଅଷ୍ଟ୍ରେଲିଆ ସଂସଦ ଭବନରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ରାଇସିନା ଡାଉନ ଅଣ୍ଡରର ଉଦ୍‌ଘାଟନୀ ଅଧିବେଶନରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ମୁଖ୍ୟବକ୍ତା ରହିବେ। ସେ ଅଷ୍ଟ୍ରେଲିଆର ନେତା, ସାଂସଦ, ଭାରତୀୟ ପ୍ରବାସୀ ସଦସ୍ୟ, ବ୍ୟବସାୟୀ ସମୁଦାୟ ଏବଂ ଗଣମାଧ୍ୟମ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଡକ୍ଟର ଜୟଶଙ୍କର ଚଳିତ ମାସ ୮ ତାରିଖରେ ସିଙ୍ଗାପୁର ଗସ୍ତ କରିବେ ଏବଂ ଏହି ସମୟରେ ସେ 'ଆସିଆନ୍‌ର ଅଷ୍ଟମ ଗୋଲଟେବୁଲ - ଇଣ୍ଡିଆ ନେଟଓ୍ୱାର୍କ ଅଫ୍ ଥିଙ୍କ୍‌ଟ୍ୟାଙ୍କ୍'କୁ ସମ୍ବୋଧିତ କରିବେ । ସେ ସିଙ୍ଗାପୁରର ନେତୃତ୍ୱଙ୍କୁ ଭେଟି ଦୁଇ ଦେଶ ମଧ୍ୟରେ ଘନିଷ୍ଠ ଭାଗିଦାରୀର ସମୀକ୍ଷା କରିବେ ଏବଂ ଦ୍ୱିପାକ୍ଷିକ

ସମ୍ପର୍କକୁ ଆହୁରି ସଶକ୍ତ କରିବାର ଉପାୟ ଗୁଡ଼ିକ ଉପରେ ଆଲୋଚନା କରିବେ ।

# କେରଳ ଅଶ୍ୱିନୀ ବୈଷ୍ଣବ

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, କେରଳର ଅଙ୍ଗାମାଳିରୁ ଏରୁମେଲି ପର୍ଯ୍ୟନ୍ତ ମୂଳ ଆଲାଇନମେଣ୍ଟ ଅନୁଯାୟୀ ସବରୀ ରେଳ ଲାଇନ ନିର୍ମାଣ କରିବାକୁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ । ଆଜି ଅପରାହ୍ନରେ ତ୍ରିଶୂର ରେଳ ଷ୍ଟେସନରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସେ କହିଛନ୍ତି, ପ୍ରକଳ୍ପ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଖୁବଶୀଘ୍ର ରାଜ୍ୟ ସରକାରଙ୍କୁ ଏକ ସର୍ତ୍ତାବଳୀ ପଠାଯିବ ଏବଂ ଏହି ସର୍ତ୍ତାବଳୀ ପୂରଣ ହେବା ପରେ ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢ଼ିବ ।

କେରଳ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ହାଇ-ସ୍ପିଡ୍ କେ-ରେଳ ପ୍ରକଳ୍ପ ବିଷୟରେ ଉଲ୍ଲେଖ କରି ମନ୍ତ୍ରୀ କହିଛନ୍ତି, ପ୍ରକଳ୍ପ ସହିତ ଜଡ଼ିତ ପରିବେଶ ସମସ୍ୟାର ସମାଧାନ ପରେ ଏହାକୁ ଗ୍ରହଣ କରାଯାଇପାରିବ । କେରଳରେ ରେଳବାଇର କ୍ଷମତା ବୃଦ୍ଧି ପାଇଁ କେନ୍ଦ୍ର ସରକାର ଆଗ୍ରହୀ ବୋଲି ଉଲ୍ଲେଖ କରି ମନ୍ତ୍ରୀ କହିଛନ୍ତି, ମାଙ୍ଗାଲୋରରୁ ସୋରନୁର ମଧ୍ୟରେ ତୃତୀୟ ଓ ଚତୁର୍ଥ ଲାଇନ୍ ଏବଂ ସୋରନୁରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ କୋଟ୍ଟାୟମ ଏବଂ ତିରୁବନନ୍ତପୁରମ ଦେଇ ତୃତୀୟ ଲାଇନ୍ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉଛି । ସେ କହିଛନ୍ତି, ରେଳବାଇର ବିକାଶ ରାଜନୀତିଠାରୁ ଊର୍ଦ୍ଧ୍ୱରେ

ରହିବା ଉଚିତ ଏବଂ ଲୋକଙ୍କ ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦିଆଯିବା ଉଚିତ ।

# ଜୈବ ବିବିଧତା

ଜୈବ ବିବିଧତା ସଂରକ୍ଷଣ କ୍ଷେତ୍ରରେ ଜାତିସଂଘ ସଦସ୍ୟ ରାଷ୍ଟ୍ରମାନଙ୍କ ଦ୍ୱାରା ଆୟୋଜିତ ଷୋଡ଼ଶ ସମ୍ମିଳନୀ କଲମ୍ବିଆର କାଲିଠାରେ ଉଦ୍‌ଯାପିତ ହୋଇଛି । ଜୈବ ବିବିଧତା ସଂରକ୍ଷଣରେ ଆଦିବାସୀ ଓ ଆଫ୍ରିକୀୟ ଜାତିର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଏଥିରେ ସ୍ୱୀକାର କରାଯାଇଛି ।  ସମ୍ମିଳନୀର ସଭାପତି ସୁସାନା ମହମ୍ମଦ ଏବଂ କଲମ୍ବିଆର ବୈଦେଶିକ ମନ୍ତ୍ରୀ ଲୁଇସ୍ ଗିଲବର୍ଟୋ ମୁରିଲୋ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । 'ପ୍ରକୃତି ସହ ଶାନ୍ତି' ଶୀର୍ଷକ  ଏହି ସମ୍ମିଳନୀ ଅନେକ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ହାସଲ କରିଛି । ଅନ୍ତର୍ଜାତୀୟ ସାମୁଦ୍ରିକ କ୍ଷେତ୍ରରେ ପରିବେଶ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଜାହାଜ ଚଳାଚଳ କ୍ଷେତ୍ରକୁ ଚିହ୍ନଟ କରିବା ଏବଂ ସୁରକ୍ଷିତ ରଖିବା ପାଇଁ ଏକ ଆନ୍ତର୍ଜାତିକ ପାଣ୍ଠି ଗଠନ ପାଇଁ ଏକ ରାଜିନାମା ଅନ୍ତର୍ଭୁକ୍ତ । କଲମ୍ବିଆ' ୨୦୨୬ ପର୍ଯ୍ୟନ୍ତ ଏହି ସମ୍ମିଳନୀର ସଭାପତି ରହିବ । ୨୦୨୬ରେ ଏହାର ଅଧ୍ୟକ୍ଷତା ଆର୍ମେନିଆକୁ ହସ୍ତାନ୍ତର କରାଯିବ ।

# ପ୍ୟାଡି- ପ୍ରୋକ୍ୟୁରମେଣ୍ଟ

ଦେଶର ମଣ୍ଡିଗୁଡ଼ିକରେ ୯୦ ଲକ୍ଷ ଟନ୍‌ରୁ ଅଧିକ ଧାନ ସଂଗୃହୀତ ହୋଇଥିବା ନେଇ କେନ୍ଦ୍ର ସରକାର ସୂଚନା ଦେଇଛନ୍ତି। ଏଥିମଧ୍ୟରୁ ୮୫ ଲକ୍ଷ ଟନ୍‌ରୁ ଅଧିକ ରାଜ୍ୟ ଏଜେନ୍ସି ଏବଂ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ପଞ୍ଜାବ କ୍ରୟ କରିଛନ୍ତି। ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଗ୍ରେଡ୍ 'ଏ' ଧାନ ପାଇଁ ସରକାର ସ୍ଥିର କରିଥିବା ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨ ହଜାର ୩୨୦ ଟଙ୍କାରେ କିଣାଯାଉଛି। ଚଳିତ ଖରିଫ ବିପଣନ ଋତୁରେ ସରକାର ଆଜି ପର୍ଯ୍ୟନ୍ତ କିଣିଥିବା ମୋଟ ଧାନର ପରିମାଣ ୧୯ ହଜାର ୮୦୦ କୋଟି ଟଙ୍କା ଏବଂ ଏହା ଦ୍ୱାରା ୪ ଲକ୍ଷ ଚାଷୀ ଉପକୃତ ହୋଇଛନ୍ତି । ଖରିଫ ବିପଣନ ଋତୁ ୨୦୨୪-୨୫ ପାଇଁ ଧାନ କ୍ରୟ ଅକ୍ଟୋବର ପହିଲାରୁ ପଞ୍ଜାବରେ ଆରମ୍ଭ ହୋଇଥିଲା ଏବଂ କୃଷକମାନଙ୍କଠାରୁ ସୁରୁଖୁରୁରେ କ୍ରୟ ପାଇଁ ସମଗ୍ର ରାଜ୍ୟରେ ନିର୍ଦ୍ଧାରିତ ମଣ୍ଡି ଏବଂ ଅସ୍ଥାୟୀ ୟାର୍ଡ କାର୍ଯ୍ୟ କରୁଛି । କେନ୍ଦ୍ର ସରକାର ଚଳିତ ବିପଣନ ଋତୁରେ ୧୮୫ ଲକ୍ଷ ଟନ୍ ଧାନ କ୍ରୟ ପାଇଁ ଲକ୍ଷ୍ୟ ରଖିଛନ୍ତି। ଯାହା ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଝାଡ଼ଖଣ୍ଡ- ଅମିତ ଶାହା

ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ରାଞ୍ଚିରେ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଦଳର ଇସ୍ତାହାର ସଂକଳ୍ପ ପତ୍ର ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଶ୍ରୀ ଶାହା କହିଛନ୍ତି, ବିଜେପି କ୍ଷମତାକୁ ଆସିଲେ ଝାଡ଼ଖଣ୍ଡରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ ହେବ କିନ୍ତୁ ଆଦିବାସୀମାନେ ୟୁସିସି ପରିସରରୁ ବାହାରେ ରହିବେ। ସେ କହିଛନ୍ତି, ସାନ୍ଥାଲ ପ୍ରଗଣା ଅଞ୍ଚଳରୁ ବାଂଲାଦେଶୀ ଅନୁପ୍ରବେଶକୁ ରୋକିବା ପାଇଁ ନିୟମ ପ୍ରଣୟନ କରାଯିବ କାରଣ ଏହା ରାଜ୍ୟର ଜନସଂଖ୍ୟାକୁ ବଦଳାଇ ଦେଇଛି । ଶ୍ରୀ ଶାହା କହିଛନ୍ତି, ଆଦିବାସୀ ମହିଳାଙ୍କୁ ବିବାହ କରିବା ପରେ ଅନୁପ୍ରବେଶକାରୀମାନେ ଆଦିବାସୀଙ୍କଠାରୁ ଜମି ଛଡ଼ାଇ ନେଉଛନ୍ତି। ଆଇନ ପ୍ରଣୟନ ପରେ ଆଦିବାସୀଙ୍କ ଜମିକୁ ସେମାନଙ୍କୁ ଫେରାଇ ଦିଆଯିବ। ଗୋଗୋ-ଦିଦି ଯୋଜନାରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ମାସିକ ଦୁଇ ହଜାର ୧ଶହ ଟଙ୍କା ଦିଆଯିବ ବୋଲି ଶ୍ରୀ ଶାହା କହିଛନ୍ତି। ପ୍ରତ୍ୟେକ ପରିବାରକୁ ୫ ଶହ ଟଙ୍କା ବ୍ୟୟରେ ଗୋଟିଏ ଏଲପିଜି ସିଲିଣ୍ଡର ମିଳିବା ସହ ଦୀପାବଳି ଓ ରକ୍ଷାବନ୍ଧନ ଅବସରରେ ଦୁଇଟି ମାଗଣା ସିଲିଣ୍ଡର ଦିଆଯିବ । ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ବେକାର ଯୁବକଯୁବତୀଙ୍କୁ ୨ ବର୍ଷ ପାଇଁ ମାସିକ ୨ ହଜାର ଟଙ୍କା ଲେଖାଏଁ ମିଳିବ। ୫ ବର୍ଷ ମଧ୍ୟରେ ୫ ଲକ୍ଷ

ନିଯୁକ୍ତି ସୁଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ଖାଲି ପଡ଼ିଥିବା ୨ ଲକ୍ଷ ୮୭ ହଜାର ସରକାରୀ ପଦବୀକୁ ଠିକ୍ ସମୟରେ ପୂରଣ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି।

## ଟେରରିଷ୍ଟ ଆରେଷ୍ଟେଡ୍

କଶ୍ମୀର ଉପତ୍ୟକାରେ ସୁରକ୍ଷା ବାହିନୀ ଓ ପୁଲିସର ମିଳିତ ଅଭିଯାନରେ ଦକ୍ଷିଣ କଶ୍ମୀରର ପୁଲୱାମା ଜିଲ୍ଲାରେ ଆତଙ୍କବାଦୀ ସଂଗଠନ ହିଜବୁଲ ମୁଜାହିଦ୍ଦିନର ଜଣେ ଆତଙ୍କବାଦୀକୁ ପୁଲିସ ଗିରଫ କରିଛି।

ପୁଲିସ, ରାଷ୍ଟ୍ରୀୟ ରାଇଫଲ୍ସ ଏବଂ ସି.ଆର.ପି.ଏଫ.ର ମିଳିତ ଦଳ ଏହି ଆତଙ୍କବାଦୀକୁ ଡାଙ୍ଗରପୋରା ପୁଲୱାମାରୁ ଗିରଫ କରିଛି। ସୁରକ୍ଷା ଦଳ ସେହି ଆତଙ୍କବାଦୀର ଦୋକାନରେ ଚଢ଼ାଉ କରି ଲୁଚା ଯାଇ ରଖାଯାଇଥିବା ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ କରିଛି।

## ଜେକେ-ଏକ୍ସୋପ୍ଲୋଜନ

କାଶ୍ମୀର ଉପତ୍ୟକାରେ ଆଜି ଅପରାହ୍ନରେ ଆକାଶବାଣୀ ଶ୍ରୀନଗର କାର୍ଯ୍ୟାଳୟ ବାହାରେ ରବିବାର ବଜାରରେ ଗ୍ରେନେଡ୍ ବିସ୍ଫୋରଣ ଘଟି ୬ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସନ୍ଦିଗ୍ଧ ଆତଙ୍କବାଦୀମାନେ ଟି.ଆର.ସି ଛକରେ ସୁରକ୍ଷା ବାହିନୀ ଗାଡ଼ି ଉପରକୁ ଗ୍ରେନେଡ୍ ଫିଙ୍ଗିଥିଲେ, ଯାହା ଲକ୍ଷ୍ୟଚ୍ୟୁତ ହୋଇ ରାସ୍ତାରେ ବିସ୍ଫୋରଣ ଘଟିଥିଲା। ଏହି ବିସ୍ଫୋରଣରେ ୬ ଜଣ ସାଧାରଣ ନାଗରିକ ଆହତ ହୋଇଥିଲେ। ଶୀତକାଳୀନ କିଣାକିଣି ପାଇଁ ବହୁ ସଂଖ୍ୟାରେ ଲୋକ ବଜାରକୁ ଆସୁଥିବାରୁ ରବିବାର ବଜାରରେ ପ୍ରବଳ ଭିଡ଼ ରହିଥିଲା। ଅନ୍ୟପକ୍ଷରେ, ଆକ୍ରମଣକାରୀଙ୍କୁ ଧରିବା ପାଇଁ ପୁଲିସ ଉକ୍ତ ଅଞ୍ଚଳକୁ ଘେରାବନ୍ଦୀ କରି ବ୍ୟାପକ ଖାନତଲାସୀ ଅଭିଯାନ ଆରମ୍ଭ କରିଛି। ଏ ସଂକ୍ରାନ୍ତ ଅଧିକ ସମ୍ବାଦକୁ ଅପେକ୍ଷା କରାଯାଇଛି।

## କ୍ରିକେଟ ଭାରତ

ଭାରତ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳାକୁ ନ୍ୟୁଜିଲାଣ୍ଡ ୩-୦ ବ୍ୟବଧାନରେ ଜିତି ନେଇଛି। ମୁମ୍ବାଇରେ ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟେଷ୍ଟରେ ଭାରତକୁ ୨୫ ରନ୍‌ରେ ପରାସ୍ତ କରିଛି ନ୍ୟୁଜିଲାଣ୍ଡ। ୧୪୭ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ସମସ୍ତ ୱିକେଟ ହରାଇ ୧୨୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ଋଷଭ ପନ୍ତ ସର୍ବାଧିକ ୬୪ ରନ୍ କରିଥିଲେ। ୱାସିଂଟନ ସୁନ୍ଦରର ୧୨ ଓ ଅଧିନାୟକ ରୋହିତ ଶର୍ମା ୧୧ ରନ୍ କରିଥିଲେ। ଏମାନଙ୍କ ବ୍ୟତୀତ କୌଣସି ବ୍ୟାଟ୍ସମ୍ୟାନ୍ ଦୁଇ ଅଙ୍କ ଛୁଇଁ ପାରିନଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଏଜାଜ ପଟେଲ ୬ଟି ୱିକେଟ୍

ନେଇଥିଲେ। ପ୍ରଥମ ଇନିଂସରେ ସେ ୫ଟି ଓ୍ୱିକେଟ୍ ନେଇଥିଲେ। ଇଜାଜ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୂର୍ବରୁ ଆଜି ନ୍ୟୁଜିଲାଣ୍ଡ ୯ ଓ୍ୱିକେଟ୍ ବିନିମୟରେ ୧୭୧ ରନ୍‌ରୁ ଖେଳିବା ଆରମ୍ଭ କରି ୧୭୪ ରନ୍‌ରେ ସମସ୍ତ ଓ୍ୱିକେଟ୍ ହରାଇଥିଲା।

ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ୫ଟି ଓ ରବି ଚନ୍ଦ୍ରନ ଅଶ୍ୱିନ ୩ଟି ଓ୍ୱିକେଟ୍ ନେଇଥିଲେ। ଆକାଶ ଦୀପ ଓ ଓ୍ୱାଶିଂଟନ ସୁନ୍ଦରର ଗୋଟିଏ ଲେଖାଏଁ ଓ୍ୱିକେଟ୍ ପାଇଥିଲେ। ଗ୍ଲୁଗାନ୍ ଫିଲିପ୍ସ ସର୍ବାଧିକ ୫୧ ରନ୍ କରିଥିଲେ। ଏହି ସିରିଜରେ ଫିଲିପ୍ସି ମୋଟ ୨୪୪ ରନ୍ କରି ପ୍ଲେୟାର ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ।

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୨୩୫ ଓ ଦ୍ୱିତୀୟ ଇନିଂସରେ ୧୭୪ ରନ୍ କରିଥିଲା। ଭାରତ ପ୍ରଥମ ଇନିଂସରେ ୨୬୩ ରନ୍ କରିଥିଲା। ବେଙ୍ଗାଲୁରୁରେ ଖେଳାଯାଇଥିବା ପ୍ରଥମ ଟେଷ୍ଟମ୍ୟାଚରେ ନ୍ୟୁଜିଲାଣ୍ଡ ଭାରତକୁ ୮ ଓ୍ୱିକେଟରେ ଏବଂ ପୁଣେରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ୧୧୩ ରନ୍‌ରେ ପରାସ୍ତ କରିଥିଲା।